ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

ଅଧିସୂଚନା

**No RDM-LAA-JAJ-0038-2018/ 35331/ R&DM, dated 20 SEP 2018**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଯାଜପୁର ଜିଲ୍ଲାର ରେଙ୍ଗାଳୀ ବାମ ପାର୍ଶ୍ୱ କେନାଲ ର କୁଣ୍ଡା ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-**ଜାମୁନଣ୍ଡା(ଅତିରିକ୍ତ)**, ଥାନା- ସୁକିନ୍ଦା ସଂ.୧୫୯ ,ତହସିଲ- ସୁକିନ୍ଦା, ଜିଲ୍ଲା- ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୧.୧୨** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ରେଙ୍ଗାଳୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ- ୧, ସୁକିନ୍ଦା ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ର ରେଙ୍ଗାଳୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଯାଜପୁର ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍ ର ନାମ |
|---|---|---|---|---|---|---|---|---|
| ଯାଜପୁର | ସୁକିନ୍ଦା | ଜାମୁନଣ୍ଡା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩.୩୮ | ଏ. ୧.୧୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

(ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

Memo. No. 35332 / R&DM dtd 20 SEP 2018

Copy along with the land schedule forwarded to the Director, Printing Stationery and Publication, Odisha, Cuttack with a request to publish the Notification along with the land schedule in the next issue of E.O.G and supply 5 copies of them to this Department la-rev-od@nic.in)/ Executive Engineer, L.C.D. No. I, Sukinda (roecfdv@rediffmail.com), Spl. L.A.R. & R.O. R.I.P, Sukinda (laorip@gmail.com) / Water Resources Department / Collector, Jajpur / Secretary to R.D.C (C.D), Cuttack.

20/09/18

Officer on special duty

Memo. No. 35333 / R&DM dtd 20 SEP 2018

Copy along with the land schedule forwarded to I &PR Department with a request to take necessary steps for publication of the Notification along with the land schedule in two local dailies of which at least one shall be in the regional language and two copies of the said publication may please be furnished to this Department la-rev-od@nic.in)/ Executive Engineer, L.C.D. No. I, Sukinda (roecfdv@rediffmail.com), Spl. L.A.R. & R.O. R.I.P, Sukinda (laorip@gmail.com) immediately.

20/09/18

Officer on special duty

Memo. No. 35334 / R&DM dtd. 20 SEP 2018

Copy forwarded to Collector, Jajpur / Spl. L.A.R. & R Officer, Rengali Irrigation Project , Sukinda, Jajpur for information and necessary action.

1. He should not take possession of the land under any circumstances before making payment of compensation to the land losers.

2. The substance of the Notification may be published in the locality immediately. Copies of such publication and the date of such publication may be intimated to this Department forthwith for further course of action.

3. Publication in EOG/ News Paper may be watched and reported to this Department with details of such publication,

20/09/18

Officer on special duty

Memo. No. 35335 / R&DM dtd. 20 SEP 2018

Copy forwarded to the R.D.C (C.D) Cuttack / Water resources Department for information and necessary action.

20/09/18

Officer on special duty

Memo. No. 35336 / R&DM dtd. 20 SEP 2018

Copy forwarded to the Executive Engineer, Left Canal Division No. I, Sukinda / IMU cell / Guard File for information and necessary action.

20/09/18

Officer on special duty

## ଜମି ଅନୁସୂଚି

ଗ୍ରାମର ନାମ : ଜାମୁନଣ୍ଡା (ପ୍ରଥମ ଅତିରିକ୍ତ)

ଥାନାର ନାମ : ସୁକିନ୍ଦା ନଂ : ୧୫୯ ତହସିଲ : ସୁକିନ୍ଦା

ଜିଲ୍ଲା : ଯାଜପୁର

ଜମି ଅଧିଗ୍ରହଣ କେସ୍ ନଂ. : /

| କ୍ର ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ପୂର୍ବ ଅଧିଗ୍ରହଣ ରକବା | ନୂତନ ଅଧିଗ୍ରହଣ ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୯୬ | ୧୦୦ | ୦.୪୩ | ୦.୦୩ | ୦.୦୩ | ଚହଲି ସେଠି ପିତା-ଇଶ୍ୱର ସେଠି, ଜା:ଧୋବା, ବା:ନିଜଗାଁ | |
| ୨ | ୧୧୮ | ୯୬ | ୦.୩୯ | ୦.୧୮ | - | ଦୁର୍ଯ୍ୟୋଧନ ରାଉତ ପିତା-ବାବାଜୀ ରାଉତ ଓଗେର, ଜା:ଚଷା, ବା:ହରିପୁର | |
| ୩ | | ୯୭ | ୦.୩୩ | ୦.୧୦ | ୦.୦୮ | ଦୁର୍ଯ୍ୟୋଧନ ରାଉତ ପିତା-ବାବାଜୀ ରାଉତ ଓଗେର, ଜା:ଚଷା, ବା:ହରିପୁର | |
| ୪ | ୨୧୯ | ୯୮ | ୦.୫୧ | ୦.୧୦ | ୦.୨୦ | ବାବୁଲି କର ପିତା-ବାସୁଦେବ କର ଓଗେର, ଜା:ବ୍ରାହ୍ମଣ, ବା:ବାହାବଲପୁର | |

| | | | | | | | |
|---|---|---|---|---|---|---|---|
| ୫ | ୨୨୨ | ୮୫ | ୧.୦୮ | ୦.୨୦ | ୦.୩୦ | ରଘୁ ରାଉତ ପିତା- ଭିକାରୀ ରାଉତ ଓଗେର, ଜା:ଚଷା, ବା:ବାହାବଳପୁର | |
| ୬ | ୩୨୩ | ୮୪ | ୧.୦୩ | ୦.୦୧ | ୦.୫୧ | ହଳଧର ରାଉତ ପିତା- ଗୌରାଙ୍ଗ ରାଉତ ଓଗେର, ଜା:ଚଷା, ବା:ବାହାବଳପୁର | |
| | | | | **ମୋଟ** | **୧.୧୨** | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା : ୬ (ଛଅ), ମୋଟ ଅଧିଗୃହିତ ଜମି : ୧.୧୨ ଏକର

୧. ପ୍ରସ୍ତୁତକର୍ତ୍ତା : ______________

୨. ତୁଳନାକାରୀ : ______________

୩. ଯାଞ୍ଚକାରୀ : ______________

୪. ଜମି ଅଧିଗ୍ରହଣ ସଂଗ୍ରହକାରୀଙ୍କ ଦସ୍ତଖତ ଏବଂ ମୋହର: ______________

ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀ
ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

COUNTERSIGNED

ମଣ୍ଡଳ ଅଧିକାରୀ
ZONE OFFICER
ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

COLLECTOR
JAJPUR